# ସତ୍ୟବାର୍ତ୍ତା

## THE VOICE OF TRUTH

JULY & AUG, 2000

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box NO. 80, KAKINADA,
A.P. - 533 001
PH : 0884 - 363722

Vol. 5 July & August, 2000 No. 4

Published every two months in Oriya Language for the Restoration of pure New Testament Christianity

**FREE !** **FREE!!** **FREE !!!**

Study the Bible in the quite of your own home. Enroll yourself in the BASIC BIBLE COURSE in Oriya language. Complete the course and obtain a copy of Oriya Holy Bible absolutely free! Send your address today to :

THE DIRECTOR
BIBLE CORRESPONDENCE COURSE
P.O. Box. No. 80, KAKINADA - 533 001

# ସତ୍ୟ ବାଣୀ

# VOICE OF TRUTH

Vol - V KAKINADA JULY - AUG.


## କିଏ ଏହି ଭଣ୍ଡ ଶିକ୍ଷକ
## ( Who is a False Teacher )

ଆଜିର ଜଗତରେ ଅସଂଖ୍ୟ ଲୋକେ ପରମେଶ୍ବରଙ୍କ ବାକ୍ୟ ଶିକ୍ଷା ଦେବାରେ ବ୍ୟସ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଭଣ୍ଡ ଶିକ୍ଷକ । ଶ୍ରୋତାମାନେ ଶ୍ରବଣ କରିଥିବା ବାକ୍ୟ ଅନୁସନ୍ଧାନ ନ କରିବା ଫଳା ଫଳ ଏହି ଶିକ୍ଷକମାନେ ସେମାନଙ୍କୁ ଅସତ୍ୟ ଶିକ୍ଷା ଦେବାରେ ସଫଳକୃତ ହୁଅନ୍ତି । ସେମାନଙ୍କ ଉଚ୍ଚ ଶିକ୍ଷା ଉଦ୍ଧତା, ପ୍ରଭୁଙ୍କ ବାକ୍ୟରେ ସେମ ନଙ୍କ ଥିବା ଆସକ୍ତି ଶ୍ରୋତାମାନଙ୍କୁ ପ୍ରଭାବିତ କରିଥାଏ । ତଦ୍ଵାରା ଅନ୍ଧମାନେ ଅନ୍ଧମାନଙ୍କୁ ପଥପ୍ରଦର୍ଶକ ସାଜନ୍ତି ଓ ଦୁହେଁ ଗାତରେ ପଡି ବିନଷ୍ଟ ହୁଅନ୍ତି ।

ପ୍ରତ୍ୟେକ ଧର୍ମ ପ୍ରଚାରକ ପରମେଶ୍ବରଙ୍କ ଠାରୁ ପ୍ରେରିତ ବ୍ୟକ୍ତି ବୋଲି ଅନେକଙ୍କ ମନୋଭାବ । ପରମେଶ୍ବରଙ୍କ ବାକ୍ୟରୁ ଆମ୍ଭେମାନେ ଏହି ଭଣ୍ଡ ଶିକ୍ଷକମାନଙ୍କ ଗୁଣାବଳୀ ଜାଣି ପାରିବା ।

ଖ୍ରୀଷ୍ଟ କହନ୍ତି 'ସେତେବେଳେ ଦେଖ ଖ୍ରୀଷ୍ଟ ଏଠାରେ କିମ୍ବା ସେଠାରେ କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ, ତେବେ ତାହା ବିଶ୍ବାସ କର ନାହିଁ । କାରଣ ଭଣ୍ଡ ଖ୍ରୀଷ୍ଟ ଓ ଭଣ୍ଡ ଭବିଷ୍ୟଦ୍‌ବାଦୀମାନେ ଏଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ । ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକମାନଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ । ( ମାଥିଉ ୨୪ : ୨୩ : ୨୪ ) । ପ୍ରେରିତ, ଶିକ୍ଷକ,

ପ୍ରଚାରକଙ୍କ ରୂପଧାରଣକାରୀ ଅନେକେ ଅନ୍ୟ ଏକ ଖ୍ରୀଷ୍ଟଙ୍କୁ ଅନ୍ୟଠକ ଆଉ ଙ୍କ ପ୍ରଚାର କରି ଖ୍ରୀଷ୍ଟଙ୍କ ସୁସମାଚାର ବିକୃତ କରୁଅଛନ୍ତି ବୋଲି ପାଉଲ ଆପଣା ଲେଖାରେ ଉଲ୍ଲେଖ କରନ୍ତି । 'କାରଣ ଏହିପରି ଲୋକେ ଭଣ୍ଡ ପ୍ରେରିତ ଓ ଶଠକାର୍ଯ୍ୟକାରୀ, ସେମାନେ ଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କ ବେଶ ଧାରଣ କରନ୍ତି । ଆଉ ଏହା ଆଶ୍ଚର୍ଯ୍ୟ ନୁହେଁ, କାରଣ ଶୟତାନ ନିଜେ ଦୀପ୍ତିମନ୍ତ ବେଶ ଧାରଣ କରେ । ଅତଏବ ଯଦି ତାହାର ସେବକମାନେ ମଧ୍ୟ ଧାର୍ମିକତାର ସେବକମାନଙ୍କ ବେଶ ଧାରଣ କରନ୍ତି, ତେବେ ତାହା ବଡ଼ ବିଷୟ ନୁହେଁ, ସେମାନଙ୍କ ଶେଷ ଦଶା ସେମାନଙ୍କ କର୍ମ ଅନୁସାରେ ଘଟିବ । ( ୨ୟ କରିନ୍ଥୀ ୧୧ : ୧୩ : ୧୪ : ୧୫ )' ।

ସହସ୍ର ବର୍ଷ ପୂର୍ବେ ଭଣ୍ଡ ଶିକ୍ଷକମାନଙ୍କ ଲକ୍ଷଣ ବିଷୟରେ ଭବିଷ୍ୟଦ୍ବାଦୀ ମୋଶା ବ୍ୟକ୍ତ କରିଥିଲେ 'ମାତ୍ର ଆମ୍ଭେ ଯାହା କହିବାକୁ ଆଜ୍ଞା ଦେଇ ନାହୁଁ । ଆମ୍ଭ ନାମରେ ଏପରି କୌଣସି କଥା କହିବାକୁ ଯେଉଁ ଭବିଷ୍ୟଦ୍ବକ୍ତା ଦୁଃସାହସ କରିବ ଅବା ଅନ୍ୟ ଦେବତା ନାମରେ କହିବ, ସେହି ଭବିଷ୍ୟଦ୍ବକ୍ତା ମରିବ । ମାତ୍ର ଯେବେ ତୁମ୍ଭେ ଆପଣା ମନେ ମନେ କୁହ, ସଦାପ୍ରଭୁ ଯେଉଁ କଥା କହିନାହାନ୍ତି ତାହା ଆମ୍ଭେମାନେ କିପରି ଜାଣିବା ? କୌଣସି ଭବିଷ୍ୟଦ୍ବକ୍ତା ସଦାପ୍ରଭୁଙ୍କ ନାମରେ କଥା କହିଲେ, ଯେବେ ତାହା ନ ହୁଏ, ଅବା ନ ଘଟେ ତେବେ ସେହି କଥା ସଦାପ୍ରଭୁ କହି ନାହାନ୍ତି, ସେ ଭବିଷ୍ୟଦ୍ବକ୍ତା ଦୁଃସାହସରେ ତାହା କହିଅଛି, ତାହାକୁ ଭୟ କରିବ ନାହିଁ । ( ୨ୟ ବିବରଣ ୧୮ : ୨୦-୨୨ ) ଏହି ସୂତ୍ର ଏବେ ମଧ୍ୟ ସତ୍ୟ ଅଟେ । ଯେଉଁ ପ୍ରଚାରକମାନେ ପ୍ରଭୁଙ୍କ ଆଗମନ ବିଷୟରେ ଭବିଷ୍ୟଦ୍ବାଣୀ ପ୍ରକଟ କରନ୍ତି । ରୋଗୀମାନଙ୍କୁ ସୁସ୍ଥ କରନ୍ତି ବୋଲି ଦାବୀ କରନ୍ତି । କିନ୍ତୁ କୌଣସି ବାଣୀ ସଫଳ ହୁଏ ନାହିଁ ସେମାନେ ଭଣ୍ଡ ଶିକ୍ଷକ ରୂପେ ପରିଗଣିତ ହୁଅନ୍ତି ।

ଗାଲାତୀ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ତୁମ୍ଭମାନଙ୍କୁ ଆହ୍ୱାନ କଲେ, ତାହାଙ୍କଠାରୁ ତୁମ୍ଭେମାନେ ଏତେଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ

ହେଉଅଛି, ଏଥିରେ ମୁଁ ଚମତ୍କୃତ ହେଉଅଛି । ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି । କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ । ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ସୁଦ୍ଧା ଯଦି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ । (ଗାଲାତୀ ୧ : ୭-୯) ଖ୍ରୀଷ୍ଟଙ୍କ ସୁସମାଚାର ମନୁଷ୍ୟମାନଙ୍କ ମଙ୍ଗଳ ନିମନ୍ତେ ବାକ୍ୟଦ୍ୱାରା ପ୍ରକାଶ କରାଯାଇ ଅଛି ଖ୍ରୀଷ୍ଟଙ୍କ ମରଣ ସମାଧି ଓ ଉତ୍ଥାନର ଶୁଭସମ୍ବାଦ ହିଁ ସୁସମାଚାର ବୋଲି ପାଉଲ ୧ମ କରିନ୍ଥୀ ୧୫ : ୧-୪ ପଦଗୁଡ଼ିକରେ ସୁସ୍ପଷ୍ଟ କରନ୍ତି । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ, ମନପରିବର୍ତ୍ତନ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରି ବାପ୍ତିଜିତ ହେବା ହିଁ ତାହାଙ୍କ ସୁସମାଚାରର ଆଜ୍ଞାବଳୀ ଅଟେ ( ମାର୍କ ୧୬ : ୧୬ ରୋମୀୟ ୧୦ : ୧୦ ଓ ପ୍ରେରିତ ୨ : ୩୮ ) । ଏତଦ୍‌ବ୍ୟତୀତ କେହି ଅନ୍ୟ ବିଷୟ ପ୍ରଚାର କଲେ ସେ ଭଣ୍ଡଶିକ୍ଷକ ରୂପେ ପରିଗଣିତ ହେବ ।

ରୋମୀୟ ଖ୍ରୀଷ୍ଟିୟାନମାନଙ୍କୁ ପାଉଲ ସତର୍କ କରି କହନ୍ତି, ହେ ଭାଇମାନେ ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବାଧାର କାରଣ ଘଟାନ୍ତି ସେମାନଙ୍କୁ ଚିହ୍ନି ରଖି ସେମାନଙ୍କଠାରୁ ପୃଥକ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, କାରଣ ଏହିପରି ଲୋକେ ଆମ୍ଭମାନଙ୍କ ପ୍ରଭୁଖ୍ରୀଷ୍ଟଙ୍କର ଦାସ ନୁହନ୍ତି, କିନ୍ତୁ ଆପଣା ଆପଣା ଉଦରର ଦାସ ଅଟନ୍ତି, ପୁଣି ମିଷ୍ଟବାକ୍ୟ ଓ ଚାଟୁ ଭାଷାରେ ସରଳ ହୃଦୟ ଲୋକଙ୍କର ମନ ଭୁଲାନ୍ତି । ( ରୋମୀୟ ୧୬ : ୧୭, ୧୮ )

ବାକ୍ୟରେ ଉଲ୍ଲେଖିତ କରାଯାଇ ନଥିବା ନାମ ଧାରଣକାରୀ ପ୍ରତ୍ୟେକ ଭଣ୍ଡ ଶିକ୍ଷକ ରୂପେ ପରିଗଣିତ ହେବେ । ( ମାଥିଉ ୧୬ : ୧୮ ) । ଖ୍ରୀଷ୍ଟ ଏକ ମାତ୍ର ମଣ୍ଡଳୀ ସ୍ଥାପନ କରି ଅଛନ୍ତି

( ଏଫିସୀ ୪ : ୪, କଲସୀ ୧ : ୧୮ ) ଏବଂ ଏହା ତାହାଙ୍କ ନାମ ଧାରଣ କରେ, ( ରୋମୀୟ ୧୬ : ୧୬, ପ୍ରେରିତ ୧୧ : ୨୬ ) । ସିଦ୍ଧ ଓ ସମ୍ପୂର୍ଣ୍ଣ ନୂତନ ନିୟମର ଆଗମନରେ ଅଲୌକିକ ଓ ଆଶ୍ଚର୍ଯ୍ୟ କର୍ମଗୁଡ଼ିକରେ ଲୁପ୍ତ ହୋଇଅଛି । (୧ମ କରିନ୍ଥୀ ୧୩, ଯାକୁବ ୧ : ୨୫ ) । ଏହି ନୂତନ ନିୟମ ଏ ବାକ୍ୟ ସ୍ୱରୂପରେ କାର୍ଯ୍ୟ କରେ । ସମସ୍ତ ଶାସ୍ତ୍ର ଈଶ୍ବର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ବରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ । (୨ୟ ତୀମଥି ୩ : ୧୬, ୧୭ ) । ବିଶ୍ୱାସ ଶ୍ରବଣରୁ ଜାତ ହୁଏ ( ରୋମୀୟ ୧୦ : ୧୭ ) କିନ୍ତୁ ଆଶ୍ଚର୍ଯ୍ୟ କ୍ରିୟା ଦ୍ୱାରା ନୁହେଁ ।

ପ୍ରେରିତ ଯୋହନ କହନ୍ତି, ହେ ପ୍ରିୟମାନେ, ପ୍ରତ୍ୟେକ ଆତ୍ମାଙ୍କୁ ବିଶ୍ୱାସ କରନାହିଁ, ବରଂ ଆତ୍ମାମାନେ ଈଶ୍ବରଙ୍କଠାରୁ ଆଗତ କି ନାହିଁ ଏହା ସେମାନଙ୍କୁ ପରୀକ୍ଷା କରି ଦେଖ, କାରଣ ଜଗତରେ ଅନେକ ଭଣ୍ଡ ଭାବବାଦୀ ବାହାରି ଅଛନ୍ତି । ( ୧ମ ଯୋହନ ୪ : ୧ ) । ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନ ରହି ଯାହା ଅତିକ୍ରମ କରେ, ସେ ଈଶ୍ବରଙ୍କୁ ପାଇନାହିଁ ଯେ ଶିକ୍ଷାର ସୀମାମଧ୍ୟରେ ରହେ ସେ ପିତା ଓ ପୁତ୍ର ଉଭୟଙ୍କୁ ପାଇଅଛି । କେହି କେହି ଏହି ଶିକ୍ଷା ନ ଘେନ ତୁମ୍ଭମାନଙ୍କ ନିକଟକୁ ଆସେ, ତେବେ ତାହାଙ୍କୁ ଗୃହରେ ଅତିଥି ନ କର ଓ ସମ୍ଭାଷଣ ନା ଜଣାଅ ନାହିଁ । କାରଣ ଯେ କେହି ସମ୍ଭାଷଣ ନା ଜଣାଏ, ସେ ତାହାର ଦୁଷ୍କର୍ମର ସହଭାଗୀ ହୁଏ ।

ପ୍ରିୟବନ୍ଧୁ, ଭ୍ରାନ୍ତ ନ ହୁଅ । ପ୍ରଭୁଙ୍କ ବାକ୍ୟରେ ଲିଖିତ ସତ୍ୟ ଅନୁସନ୍ଧାନ କରି, ତାହାର ଅନୁକାରୀ ହୁଅ ।

—J. C. Choate

—:o:—

# ବାଇବଲ ବାକ୍ୟଧ୍ୟାନ ନିମନ୍ତେ କେତୋଟି ସରଳ ସୂତ୍ର

## ( Helps for Baible Study )

ବାଲ୍ୟକାଳରୁ ମୁଁ ବାଇବଲ ପଢ଼ି ଆସୁଅଛି, କିନ୍ତୁ ଅନେକ ବର୍ଷ ପର୍ଯ୍ୟନ୍ତ ବାକ୍ୟ ସମ୍ପୂର୍ଣ୍ଣ ଭାବେ ବୁଝିବାରେ ଅସମର୍ଥ । ଅନେକ ଶିକ୍ଷିତ ଭଦ୍ରଲୋକମାନେ ଏହି ସ୍ଥିତିରେ ଥାଆନ୍ତି । ଆପଣ ଓ ମୋହର ପରି ସାଧାରଣ ମନୁଷ୍ୟ ବାଇବଲର ବାକ୍ୟ ବୁଝିବାରେ ଅସମର୍ଥ ବୋଲି ଅନେକଙ୍କ ମନୋଭାବ । ଆମ୍ଭେମାନେ କଅଣ ବିଶ୍ୱାସ କରିବା ଆବଶ୍ୟକ, ଯାଜକ ଓ ପାଷ୍ଟରମାନେ ବ୍ୟକ୍ତ କରନ୍ତି ବୋଲି ସେମାନଙ୍କ ବିଶ୍ୱାସ । ପବିତ୍ର ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ବ୍ୟକ୍ତିମାନେ ଶାସ୍ତ୍ର ବିଶ୍ଳେଷଣ କରିବାରେ ସମର୍ଥ ବୋଲି ଅନ୍ୟ ଏକ ବର୍ଗ ଲୋକମାନଙ୍କ ବିଶ୍ୱାସ । ଏହିଦ୍ୱାରା, ଆମ୍ଭମାନଙ୍କ ଆପଣାର ବିଶ୍ୱାସ ନିମନ୍ତେ ଆମ୍ଭମାନଙ୍କ ପରି ସାଧାରଣ ମନୁଷ୍ୟମାନଙ୍କୁ ଅନ୍ୟ ମନୁଷ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ ।

ବାଇବଲର ବାକ୍ୟ ମାଧ୍ୟମରେ ଈଶ୍ୱର ଆପଣାଙ୍କୁ ଆପଣା ପରିବାର ନିକଟରେ ପ୍ରକାଶିତ କରିଅଛନ୍ତି । ପରମେଶ୍ୱରଙ୍କ ଇଚ୍ଛାଗୁଡିକ ଆଉ ରହସ୍ୟ ନୁହେଁ । ସେଉଁସବୁ ବିଷୟ ଆଉ ରହସ୍ୟ ନୁହେଁ କିଅବା ଆବୃତ ନୁହେଁ, ସେହି ସବୁ ବିଷୟ ଆମ୍ଭେମାନେ ବୁଝିବାରେ କାହିଁକି ଅସମର୍ଥ ? ପରମେଶ୍ୱରଙ୍କ ବାକ୍ୟ ସରଳ ଭାବରେ ବୁଝିବାର କେତୋଟି ସରଳ ସୂତ୍ର ରହିଅଛି । ଦୟାକରି ଏଫିସୀୟ ୩ : ୧-୭ ପଦଗୁଡ଼ିକ ପଢ଼ନ୍ତୁ ।

ଯେଉଁ ଈଶ୍ୱର ଆପଣା ଆଜ୍ଞା ଓ ଇଚ୍ଛା ଅଜଣା ଓ ଅଜ୍ଞାତ ଭାଷାରେ ପ୍ରକାଶ କରନ୍ତି, ସେ କିପରି ପରମେଶ୍ୱର ଅଟନ୍ତି ? ଥରେ ଯୀଶୁଖ୍ରୀଷ୍ଟ, ଯିହୁଦୀମାନଙ୍କୁ କହିଲେ । ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ, ଆଉ ସେହି ଧର୍ମଶାସ୍ତ୍ର ମୋ ବିଷୟରେ ସାକ୍ଷ ଦେଉଅଛି । ( ଯୋହନ ୫ : ୩୯ ) ଅନନ୍ତ ଜୀବନ ଦାୟକ

ସାକ୍ଷ୍ୟ ଯଦି ଆମ୍ଭମାନଙ୍କ ନିମନ୍ତେ ଅବୁଝା ରହେ, ତାହା ଆମ୍ଭମାନଙ୍କ କି ପ୍ରୟୋଜନ ? ବେରୟା ନିବାସୀ ବିଷୟରେ ଈଶ୍ୱରଙ୍କ ବାକ୍ୟ ଥେସଲନୀକୀରେ ଥିବା ଯିହୁଦୀମାନଙ୍କ ଠାରୁ ଏମାନେ ସୁଶୀଳ ଥିଲେ । ଏମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କଲେ, ପୁଣି ଏ ସମସ୍ତ ସତ୍ୟ କି ନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କଲେ । ( ପ୍ରେରିତ ୧୭ : ୧୧ ) । ପାଉଲ ଓ ତାହାଙ୍କ ସାଥୀମାନେ ସତ୍ୟ ପ୍ରଚାର କରୁଥିଲେ କି ନାହିଁ ସେମାନେ ଶାସ୍ତ୍ର ଅନୁସନ୍ଧାନ ଦ୍ୱାରା ବୁଝି ପାରିଥିଲେ । ସେମାନେ ଶାସ୍ତ୍ର ଅନୁସନ୍ଧାନ ନ କଲେ, ପ୍ରଚାରିତ ବାକ୍ୟ ସତ୍ୟ କି ନା ବୁଝିପାରି ନ ଥାଆନ୍ତେ । ମୃତ ବାକ୍ୟ ସତ୍ୟ କି ନା ଜାଣିବା ନିମନ୍ତେ ଆମ୍ଭେମାନେ ବେରୟାବାସୀମାନଙ୍କ ଉଦାହରଣର ଅନୁସରଣ କରୁ । ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ କହନ୍ତି ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ନିମନ୍ତେ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳରୁ ଜାଣିଅଛ । (୨ୟ ତୀମଥି ୩ : ୧୫ ) । ସତ୍ୟ ବାକ୍ୟରେ ଆସକ୍ତ ନ ହେଲେ ଧର୍ମଶାସ୍ତ୍ର ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା କୌଣସି ମନୁଷ୍ୟଙ୍କୁ ଜ୍ଞାନୀ କରି ପାରିବ ନାହିଁ । ପାଉଲଙ୍କ ବାକ୍ୟ ବିଷୟ ଯଦି ତୀମଥି ପ୍ରତି ବୁଝି ପାରନ୍ତି, ଆମ୍ଭେମାନେ କାହିଁକି ବୁଝି ପାରିବା ନାହିଁ । ପ୍ରିୟ ବନ୍ଧୁ, ବାଇବଲର ବାକ୍ୟ ଆମ୍ଭେମାନେ ବୁଝିବା ନିମନ୍ତେ ଲିଖିତ ହୋଇଅଛି ।

ଏହାରି ଅର୍ଥ ନୁହେଁ ଯେ, ବାଇବଲରେ ଲିଖିତ ପ୍ରତ୍ୟେକ ବାକ୍ୟ ଆମ୍ଭେମାନେ ସରଳ ଭାବେ ବୁଝି ପାରିବା । ପିତରଙ୍କ ଅନୁଯାୟୀ କେତେକାଂଶ 'ଅମିଶ୍ରିତ ଦୁଗ୍ଧ' ତୁଲ୍ୟ ସହଜ ଓ କେତେକାଂଶ 'ବୁଝିବାକୁ କଠିନ' । ( ୧ମ ପିତର ୨ : ୨ ଓ ୨ୟ ପିତର ୩ : ୧୬ ) କରିନ୍ଥୀ ମଣ୍ଡଳୀକୁ ପାଉଲ କହନ୍ତି 'ମୁଁ ତୁମ୍ଭମାନଙ୍କୁ ଦୁଗ୍ଧ ପାନ କରାଇ ଅନ୍ୟ ଖାଦ୍ୟ ଦେଇ ନାହିଁ, କାରଣ ତୁମ୍ଭେମାନେ ତାହା ଗ୍ରହଣ କରିବାକୁ ସମର୍ଥ ନ ଥିଲ, ଆଉ ଏବେ ମଧ୍ୟ ସମର୍ଥ ହୋଇ ନାହିଁ । ( ୧ମ କରିନ୍ଥୀ ୩ : ୨ ) । ତେଣୁ କରି ଆମ୍ଭେମାନେ ପରୀକ୍ଷା ସିଦ୍ଧ ହେବା ନିମନ୍ତେ 'ସତ୍ୟ ବାକ୍ୟ ଯଥାର୍ଥ

ରୂପେ ବ୍ୟବହାର କରିବା ନିମନ୍ତେ ଆଜ୍ଞାପିତ ହୋଇଅଛି । ( ୨ୟ ତୀମଥି ୨ : ୧୫ କୌଣସି ମନୁଷ୍ୟ ଧର୍ମଶାସ୍ତ୍ର ବାକ୍ୟ ସକଳ ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ, କିନ୍ତୁ ମନୁଷ୍ୟ ବୁଝିବାକୁ ଚେଷ୍ଟା କରିବା ବ୍ୟର୍ଥ ବୋଲି ଏହାର ଅର୍ଥ ନୁହେଁ । ମନୁଷ୍ୟ ଝରଣାର ସମସ୍ତ ଜଳ ପାନ କରିପାରେ ନାହିଁ ବୋଲି କି ଝରଣା ଜଳରେ ଆପଣା ତୃଷ୍ଣା ନିବାରଣ କରିବ ନାହିଁ ?

ଆପଣ ବାଇବଲ ଖୋଲିଲେ, ପ୍ରତ୍ୟେକ ପୃଷ୍ଠାର ଉପରେ ଅଗଣିତ ବିଷୟର ନାମ ପଢ଼ି ପାରିବେ । ଉଦାହରଣ ସ୍ୱରୂପ—ଆଦି, ଯାତ୍ରା, ଗୀତସଂହିତା, ଯିଶାଇୟ, ମାଥିଉ, ରୋମୀୟ, ପ୍ରକାଶିତ ବାକ୍ୟ ପ୍ରଭୃତି । ବାଇବଲ ୬୬ ପୁସ୍ତକଗୁଡ଼ିକରେ ଏକ କ୍ଷୁଦ୍ର ଗ୍ରନ୍ଥାଳୟ । ପ୍ରତ୍ୟେକ ପୁସ୍ତକ ଏହି ଗ୍ରନ୍ଥାଳୟର ଏକ ଅଂଶ, ଯେଉଁଥିରେ ମନୁଷ୍ୟର ଇତିହାସ, ପରିତ୍ରାଣର ଯୋଜନା ଓ ଭାବୀ ଜଗତ ବିଷୟରେ ପଢ଼ିବାକୁ ସୁଯୋଗ ପାଇବେ ।

ତତ୍ପରେ, ଆପଣ ପୁରାତନ ନିୟମ ଓ ନୂତନ ନିୟମ ନାମକ ଦୁଇ ପୃଷ୍ଠାରେ ପଢ଼ି ପାରିବେ । ଏକ ସମୟରେ ଦୁଇଟି ନିୟମ ପ୍ରଚଳିତ ଥିଲା । ଖ୍ରୀଷ୍ଟ ଦ୍ୱାରା ପୁରାତନ ନିୟମ ଅନ୍ତର୍ହିତ ହୋଇଅଛି ଓ ନୂତନ ନିୟମ ଏବେ ପ୍ରଚଳନରେ ଅଛି । ପରମେଶ୍ୱର ଆପଣା ନିୟମର ପରିବର୍ତ୍ତନ କରିଅଛନ୍ତି ଏବଂ ସେହି ପରିବର୍ତ୍ତିତ ନୂତନ ନିୟମ ମନୁଷ୍ୟମାନଙ୍କ ତ୍ରାଣଦାୟକ ।

ଆପଣଙ୍କ ହାତରେ ଥିବା ବାଇବଲର ପ୍ରଥମ ଭାଗରେ ୩୯ ପୁସ୍ତକ ଓ ଦ୍ୱିତୀୟ ଭାଗ ୨୭ ପୁସ୍ତକଗୁଡ଼ିକରେ ସମାପ୍ତ । ପୁରାତନ ନିୟମର ପ୍ରଥମ ପାଞ୍ଚ ପୁସ୍ତକ—ଆଦି, ଯାତ୍ରା, ଗଣନା, ଲେବୀ ଓ ଦ୍ୱିତୀୟ ବିବରଣ ଗୁଡ଼ିକ ବ୍ୟବସ୍ଥା ନାମରେ ପରିଚିତ । ଯିହୋଶୂୟଠାରୁ ଏଷ୍ଟର ପର୍ଯ୍ୟନ୍ତ ୧୨ଟି ପୁସ୍ତକ ଇତିହାସର ପୁସ୍ତକ ପାଞ୍ଚଟି ଏବଂ କାବ୍ୟ ପୁସ୍ତକ ପରେ ୧୭ଟି ପୁରାତନ ନିୟମର ଭବିଷ୍ୟଦ୍‌ବକ୍ତାମାନଙ୍କ ପୁସ୍ତକଗୁଡ଼ିକ ପଢ଼ିପାରିବା । କୌଣସି ଗ୍ରନ୍ଥାଳୟରେ ପ୍ରବେଶ ପୂର୍ବେ

ବହି ଗୁଡ଼ିକର ବିଷୟ ଜ୍ଞାନ ଯେପରି ଆବଶ୍ୟକ । ବାଇବଲ ଅନୁସନ୍ଧାନ କରିବା ସମୟରେ ସେଥିର ପୁସ୍ତକଗୁଡ଼ିକ ବିଷୟ ଜ୍ଞାତ ହେବା ସେହିପରି ଆବଶ୍ୟକ ।

ନୂତନ ନିୟମର ପ୍ରଥମ ଚାରି ପୁସ୍ତକ ଜୀବନ ଚରିତ୍ର ପୁସ୍ତକ । ସେଗୁଡ଼ିକ 'ସୁସମାଚାର' ପୁସ୍ତକ ରୂପେ ଗଣିତ । କାରଣ ଖ୍ରୀଷ୍ଟଙ୍କ ଅବତରଣ ଓ ତାହାଙ୍କ ସୁସମାଚାର ସେବାର ଶୁଭସମାଚାର ପୁସ୍ତକଗୁଡ଼ିକରେ ଲିପିବଦ୍ଧ ହୋଇଅଛି । ଆଦିମ ମଣ୍ଡଳୀର ଇତିହାସ ଲିଖିତ ନୂତନ ନିୟମର ପଞ୍ଚମ ପୁସ୍ତକ ପରେ ଆମ୍ଭେମାନେ ୨୧ଟି ପତ୍ର ପତ୍ରିକାରୁ ଯେଉଁଗୁଡ଼ିକ ଉତ୍ତମ ଖ୍ରୀଷ୍ଟିୟାନ ଜୀବନ ଯାପନର ସୂତ୍ରଗୁଡ଼ିକ ବର୍ଣ୍ଣନା କରାଯାଇଅଛି । 'ପ୍ରକାଶିତ ବାକ୍ୟ' ପୁସ୍ତକ ବାଇବଲର ଶେଷ ପୁସ୍ତକ । ଏହି ପୁସ୍ତକ ଗୁଡ଼ିକର ପ୍ରଧାନ ବିଷୟବସ୍ତୁ (୧) ଯୀଶୁଖ୍ରୀଷ୍ଟ ଆସିବେ (୨) ଯୀଶୁଖ୍ରୀଷ୍ଟ ଆସିଲେ (୩) ଯୀଶୁଖ୍ରୀଷ୍ଟ ପୁନର୍ବାର ଆସିବେ । ପ୍ରତ୍ୟେକ ପୁସ୍ତକ ସୁସାମଞ୍ଜସ୍ୟ ଭାବେ ଏକ ସମ୍ପୂର୍ଣ୍ଣ କାହାଣୀ ଉପସ୍ଥାପନ କରେ ।

ବାଇବଲର ସମୟକୁ ତିନୋଟି ଯୁଗରେ ବିଭକ୍ତ କରାଯାଏ (୧) କୁଳପତିମାନଙ୍କ ଯୁଗ ଯେଉଁ ସମୟରେ ପରମେଶ୍ୱର ଆପଣା ଇଚ୍ଛା ପରିବାର ମୁଖ୍ୟଙ୍କୁ ବ୍ୟକ୍ତ କରୁଥିଲେ । ଏହି ପ୍ରଥମ ଐତିହାସିକ ଯୁଗ ଆଦମ ସମୟଠାରୁ ଆରମ୍ଭ ହୋଇ ମୋଶାଙ୍କ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । (୨) ଯିହୁଦୀମାନଙ୍କ ଯୁଗ ମୋଶାଙ୍କ ଦ୍ୱାରା ବ୍ୟବସ୍ଥାର, ଇସ୍ରାଏଲୀୟମାନଙ୍କ ମୋଶାଙ୍କ ଦ୍ୱାରା ପ୍ରଦାନ କରିଥିଲେ । ଏହି ଯୁଗ ମୋଶାଙ୍କ ସମୟରୁ ଆରମ୍ଭ ହୋଇ ଖ୍ରୀଷ୍ଟଙ୍କ ମୃତ୍ୟୁରେ ଅନ୍ତ ହୋଇଥିଲା (୩) ଖ୍ରୀଷ୍ଟୀୟ ଯୁଗ, ଖ୍ରୀଷ୍ଟ ପୁନଯୁଗ ଯାହାକି ପବିତ୍ର ଆତ୍ମାଙ୍କ ଆଗମନ ଓ ଖ୍ରୀଷ୍ଟ ଆପଣା ରାଜ୍ୟରେ ରାଜତ୍ୱ ପ୍ରାରମ୍ଭ କରିବା ପେଣ୍ଟିକଷ୍ଟ ଦିନ ଠାରୁ ଆରମ୍ଭ ହୋଇଅଛି ( ପ୍ରେରିତ ୨ୟ ପର୍ବ ) ଏବଂ ସେ ସେହି ରାଜ୍ୟ ଆପଣା ପିତାଙ୍କ ହସ୍ତରେ ସମର୍ପଣ କରିବା ପର୍ଯ୍ୟନ୍ତ ଏହି ଯୁଗ ରହିବ । ଇତିହାସର ବିଭକ୍ତିକରଣ ବିନା ବାଇବଲ ବାକ୍ୟ ବୁଝିବା କଷ୍ଟକର ।

ଯଦିଓ ବାଇବଲ ଆମ୍ଭମାନଙ୍କ ନିମନ୍ତେ ଲିଖିତ ହୋଇଅଛି ତଥାପି ଏଥିରେ ଲିଖିତ ପ୍ରତ୍ୟେକ ବାକ୍ୟ ପାଳନ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇ ନାହୁଁ । ଉଦାହରଣ ସ୍ୱରୂପ ପରମେଶ୍ୱର ନୋହଙ୍କ ଗୋଫର କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । "ତୁମ୍ଭେ ଆପଣା ଦେଶ ଓ ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ ପରିତ୍ୟାଗ କରି, ଆମ୍ଭେ ଯେଉଁ ଦେଶ ତୁମ୍ଭକୁ ଦେଖାଇବା, ସେହି ଦେଶକୁ ଯାଅ ।" ( ଆଦି ୧୨ : ୧ ) ବୋଲି ଅବ୍ରାହାମଙ୍କୁ ଆଜ୍ଞା ଦେଇଥିଲେ । ଏହି ବାକ୍ୟ ଆମ୍ଭମାନଙ୍କୁ ଶିକ୍ଷାଦେବା ନିମନ୍ତେ ( ରୋମୀୟ ୧୫ : ୪ ) ଓ ଦୃଷ୍ଟାନ୍ତ ସ୍ୱରୂପ ଆମ୍ଭମାନଙ୍କ ନିମନ୍ତେ ଲିପିବଦ୍ଧ ହୋଇଅଛି । ଜାହାଜ ନିର୍ମାଣ କରିବା ନିମନ୍ତେ କିଅବା ଆପଣା ଜ୍ଞାତି କୁଟୁମ୍ବ ପରିତ୍ୟାଗ କରି ଅନ୍ୟ ଦେଶକୁ ପ୍ରସ୍ଥାନ କରିବା ନିମନ୍ତେ ଏହି ବାକ୍ୟ ଦ୍ୱାରା ଆମ୍ଭେମାନେ ଆଜ୍ଞାପିତ ହୋଇନାହୁଁ ।

ଏହି ଭଳିରେ ପରମେଶ୍ୱର ଇସ୍ରାଏଲ ସହିତ ଏକ ବିଶିଷ୍ଟ ବ୍ୟବସ୍ଥା ସ୍ଥାପନ କରିଥିଲେ । ମୋଶାଙ୍କ ଦ୍ୱାରା ପ୍ରିତର ଏହି ବ୍ୟବସ୍ଥା ବାଇବଲର ଇତିହାସର ଯିହୁଦୀ ଯୁଗର ଏକ ପ୍ରତିବିମ୍ବ । 'ତହୁଁ ମୋଶା ସମସ୍ତ ଇସ୍ରାଏଲ ଲୋକମାନଙ୍କୁ ଡାକି କହିଲେ । ହେ ଇସ୍ରାଏଲ, ମୁଁ ତୁମ୍ଭମାନଙ୍କ ଶିକ୍ଷାର୍ଥେ ରକ୍ଷାର୍ଥେ ଓ ପାଳନାର୍ଥେ ଆଜି ତୁମ୍ଭମାନଙ୍କ କର୍ଣ୍ଣ ଗୋଚରରେ ଯେଉଁସବୁ ବିଧି ଓ ଶାସନ କହୁଅଛି, ତହିଁରେ ମନୋଯୋଗ କର । ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ହୋରେବରେ ଆମ୍ଭମାନଙ୍କ ସହିତ ଗୋଟିଏ ନିୟମ କଲେ । ସଦାପ୍ରଭୁ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ସହିତ ସେହି ନିୟମ କଲେ ନାହିଁ, ମାତ୍ର ଆଜି ଏହି ସ୍ଥାନରେ ଜୀବିତ ଅଟୁ ଯେ ଆମ୍ଭେମାନେ ଆମ୍ଭମାନଙ୍କ ସହିତ ତାହା କଲେ ।' ( ଦ୍ୱିତୀୟ ବିବରଣ ୫ : ୧-୩ )

ତାପରେ ସେମାନେ ଦଶଆଜ୍ଞା ପ୍ରାପ୍ତ ହୋଇଥିଲେ । ଆଦମ ଓ ହବାଙ୍କୁ କିଅବା ଧାର୍ମିକ ନୋହ କିଅବା ଅବ୍ରାହମ, ଇସ୍‌ହାକ, ଯାକୁବଙ୍କୁ ପିତା ପରମେଶ୍ୱର ବିଶ୍ରାମଦିନ ପର୍ବ ରୂପେ ପାଳନ କରିବା ନିମନ୍ତେ ଆଜ୍ଞା ଦେଇ ନ ଥିଲେ । ଠିକ୍ ସେହିପରି, ଖ୍ରୀଷ୍ଟିୟାନମାନେ ବିଶ୍ରାମ

ବାର ପବିତ୍ର ରୂପେ ପାଳନ କରିବା ନିମନ୍ତେ ଆଜ୍ଞା ଦେଇ ନ ଥିଲେ ଓ କି ସେହିପରି, ଖ୍ରୀଷ୍ଟିୟାନମାନେ ବିଶ୍ରାମବାର ଉତ୍ସବରୂପେ ପାଳନ କରିବା ନିମନ୍ତେ କିଅବା ଯିହୁଦୀମାନେ ପ୍ରଭୁଭୋଜରେ ସହଭାଗୀ ହେବା ନିମନ୍ତେ ଆଜ୍ଞାପିତ ହୋଇ ନ ଥିଲେ । ଉପରୋକ୍ତ କାରଣ-ଗୁଡ଼ିକକୁ ବାଇବଲ ପ୍ରତ୍ୟେକ ବାକ୍ୟ ଆମ୍ଭମାନଙ୍କ ନିସ୍ତା ନିମନ୍ତେ ଲିଖିତ ହୋଇ ଅଛି କିନ୍ତୁ ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ ବୋଲି ସୁସ୍ପଷ୍ଟ ହୁଏ ।

ଆପଣଙ୍କ ପ୍ରତି ପରମେଶ୍ୱରଙ୍କ ଇଚ୍ଛା ଜାଣିବାକୁ ଅନୁଗ୍ରହ ଯୁଗର ନିୟମ ପୁସ୍ତକ ନୂତନ ନିୟମ ନିକଟକୁ ଯିବା ଆବଶ୍ୟକ । ଏଥିରେ ଲିଖିତ ଅଷ୍ଟମ ଦିନ ସୁନ୍ନତ ପଶୁବଳି, ଯିହୁଦୀୟ ତିନିପର୍ବ କିଅବା ଦଶଆଜ୍ଞା ପାଳନ କରିବା ଆବଶ୍ୟକ ନାହିଁ । ଖ୍ରୀଷ୍ଟିୟାନ ମାନଙ୍କ ନିମନ୍ତେ କୌଣସି ନିୟମ ନାହିଁ କିମ୍ବା ନରହତ୍ୟା, ବ୍ୟଭିଚାର କରିବା ପାପ ନୁହେଁ ବୋଲି ଏହାର ଅର୍ଥ ନୁହେଁ । ସେମାନେ ଯୀଶୁ ଖ୍ରୀଷ୍ଟଙ୍କର ଜୀବନ ଦାୟକ ଆତ୍ମାଙ୍କ ବ୍ୟବସ୍ଥା (ରୋମୀୟ ୮ : ୧-୨) ଯାହା କି 'ମୁକ୍ତି' ବ୍ୟବସ୍ଥା ( ଯାକୁବ ୧ : ୨୫ ) ଅଟେ, ତାହାର ଅଧୀନସ୍ଥ ଅଟନ୍ତି ।

ଉପରୋକ୍ତ ବିଶ୍ଳେଷଣରୁ ଆଧାରିତ, ବାଇବଲ ବାକ୍ୟଧ୍ୟାନ ନିମନ୍ତେ କେତୋଟି ସରଳ ସୂତ୍ର :—

୧) ସ୍ପଷ୍ଟ ଭାବେ ମୁଦ୍ରିତ ବାଇବଲ ସହିତ, ବାଇବଲ ସମ୍ବନ୍ଧୀୟ ଅନ୍ୟାନ୍ୟ ସମାଲୋଚନାର ପୁସ୍ତକଗୁଡ଼ିକ ନିଅନ୍ତୁ । ତ୍ରାଣକର୍ତ୍ତାଙ୍କ ଅମୂଲ୍ୟ ବାକ୍ୟ ଆମ୍ଭମାନଙ୍କ ଦୃଷ୍ଟିରେ ବହୁମୂଲ୍ୟ ହେଉ ।

୨) ନିୟମିତ ଭୋଜନ ଓ ବ୍ୟାୟାମ ନିମନ୍ତେ ସମୟ ନିର୍ଦ୍ଧାରଣ କଲାପରି, ବାଇବଲ ବାକ୍ୟଧ୍ୟାନ ନିମନ୍ତେ ସମୟ ନିର୍ଦ୍ଧାରଣ କରନ୍ତୁ । ପ୍ରାର୍ଥନା ପୂର୍ବକ ବାକ୍ୟଧ୍ୟାନ ଆରମ୍ଭ କରନ୍ତୁ ।

୩) ଆତ୍ମ ବଞ୍ଚନା ତ୍ୟାଗ କରି ନମ୍ର ସହକାରେ ସତ୍ୟ ଅନୁସନ୍ଧାନ କରୁ । ଆମ୍ଭମାନଙ୍କ ସ୍ୱଆଲୋଚନା, ସ୍ୱବିଶ୍ୱାସ ଉପରେ ଆଧାରିତ ନ ହୋଇ ଈଶ୍ୱରଙ୍କ ବାକ୍ୟ କଅଣ କହୁଛି ତାହା ଜାଣିବା ଆବଶ୍ୟକ । ଅନେକେ ସତ୍ୟପ୍ରତି ଶ୍ରଦ୍ଧାଭକ୍ତି ନ କରିବା ହେତୁ ବିନଷ୍ଟ ହେବେ ବୋଲି II ଥେସଲନୀକୀ ୨ : ୧୦ ପଦରେ ପଢ଼ିଥାଉ । ଗୀତ ସଂହିତାର କବି କହନ୍ତି, ମୁଁ ତୁମ୍ଭର ବ୍ୟବସ୍ଥାକୁ କିପରି ପ୍ରିୟ ମଣେ । ତାହା ଦିନଯାକ ମୋହର ଧ୍ୟାନ । ( ଗୀତ ସଂହିତା ୧୧୯ : ୯୭ )

୪) କୌଣସି କୌଣସି ବାକ୍ୟ ପୂର୍ବାପର ବାକ୍ୟ ବିନା ବୁଝିବାକୁ କଷ୍ଟକର । ଉଦାହରଣ ସ୍ୱରୂପ ... ଆସ, ଆମ୍ଭେମାନେ ଭୋଜନ ପାନ କରୁ, କାଲି ଆମ୍ଭେମାନେ ମରିବା । ( ୧ମ କରନ୍ଥୀ ୧୫ : ୩୨ ) ବାକ୍ୟର ଅର୍ଥ, ପୂର୍ବାପର ବାକ୍ୟଗୁଡ଼ିକ ବିନୁ ବୁଝିବା କଷ୍ଟକର ଅତଏବ କୌଣସି ବାକ୍ୟ ବୁଝିବା ନିମନ୍ତେ ତାହାର ପୂର୍ବାପର ବାକ୍ୟ ପଢ଼ିବା ନିତାନ୍ତ ଆବଶ୍ୟକ ।

୫) ଯେଉଁମାନଙ୍କ ନିମନ୍ତେ ପୁସ୍ତକ ଲିଖିତ ହୋଇଅଛି ଏବଂ ପୁସ୍ତକ କର୍ତ୍ତା ମଧ୍ୟରେ ଥିବା ସଂପର୍କ ପ୍ରଥମେ ବୁଝିବା ଆବଶ୍ୟକ । କାରଣ ପ୍ରକାଶିତ ବାକ୍ୟ ପୁସ୍ତକରେ ଲିପିବଦ୍ଧ ବାକ୍ୟଗୁଡ଼ିକ ସାଙ୍କେତିକ ଭାବେ ଲିଖିତ ହୋଇଅଛି । ଏଥିର ବିଭିନ୍ନ ଅନୁବାଦକ ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହୁଏ ।

୬) ବାଇବେଲର ପ୍ରତ୍ୟେକ ବାକ୍ୟ ସତ୍ୟ ଅଟେ, କିନ୍ତୁ ସେହି ବାକ୍ୟର ସମ୍ପୂର୍ଣ୍ଣ ସତ୍ୟତା ଅନ୍ୟାନ୍ୟ ବାକ୍ୟ ସହିତ ମଧ୍ୟ ବେଳେ ବେଳେ ଜଡ଼ିତ ହୋଇଥାଏ । ଉଦାହରଣ ସ୍ୱରୂପ :— ପ୍ରେରିତ ୧୦ : ୪୩ ଲିଖିତ ବାକ୍ୟ ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ । ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି । ସତ୍ୟ ଅଟେ, ସେହି ପିତର ପ୍ରେରିତ ୨ : ୩୮ କହିଥିବା ବାକ୍ୟ .........

ଆପଣମାନେ ମନପରିବର୍ତ୍ତନ କରନ୍ତୁ । ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତହେବେ ।" ମଧ୍ୟ ସତ୍ୟ ଅଟେ । ଏହି ଦୁଇ ସତ୍ୟର ସମ୍ମିଳନରେ ଆମ୍ଭେମାନେ ପାପକ୍ଷମା ନିମନ୍ତେ ଆବଶ୍ୟକୀୟ ସମ୍ପୂର୍ଣ୍ଣ ସତ୍ୟତା ଜାଣିପାରିବା ଯାହା:—ପାପକ୍ଷମା ପାଇବା ନିମନ୍ତେ, ଜଣେ ଖ୍ରୀଷ୍ଟଙ୍କ ବାକ୍ୟରେ ବିଶ୍ୱାସ କରି ଆପଣା ପାପରୁ ମନପରିବର୍ତ୍ତନ କରି, ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ଆବଶ୍ୟକ ।

୨) ସତ୍ୟ, ସବୁବେଳେ ସତ୍ୟର ସାଥି । ପରମେଶ୍ୱର ହିଁ ମହାନୁଭବ ସେ ଅଜ, କାଲି, ସଦାସର୍ବଦା ସମାନ ଅଟନ୍ତି । ପ୍ରଭୁ, ଆପଣଙ୍କ ଅନୁଧ୍ୟାନରେ ଆଶୀର୍ବାଦ କରନ୍ତୁ ।

—MACK LYON

—:୦:—

## ଅଜ୍ଞାତମାନେ କି ପରିତ୍ରାଣ ପାଇବେ ?
## ( Will the Ignorant Be Saved ? )

ଈଶ୍ୱର ସେହି ଅଜ୍ଞାନତାକୁ କାଳ ଉପେକ୍ଷା କରିଅଛନ୍ତି, ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଆଜ୍ଞା ( ପ୍ରେରିତ ୧୭ : ୩୦ ) ପ୍ରତ୍ୟେକ ମନୁଷ୍ୟ ମନପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଏହି ବାକ୍ୟ ସୁସ୍ପଷ୍ଟ କରେ କୌଣସି ମନୁଷ୍ୟ ବା କୌଣସି ଜାତି କିଅବା ଅଜ୍ଞାତମାନେ ଏହି ଆଜ୍ଞାରୁ ବଞ୍ଚିତ ନୁହନ୍ତି । ଏହି ବାକ୍ୟ କିଅବା ଆଜ୍ଞା, ଅଜ୍ଞାତ ମନୁଷ୍ୟମାନେ କ୍ଷମାପ୍ରାପ୍ତ ହୋଇ ପାରିବେ ବୋଲି ଅନେକଙ୍କ ମତ । କିନ୍ତୁ ଏହି ମତ କି ବାଇବଲ ବାକ୍ୟାନୁଯାୟୀ ।

ଯେଉଁ ପ୍ରାଣୀ ପାପ କରେ, ସେହି ମରିବ ( ଯିହିଜିକଲ ୧୮ : ୨୦ )। ପାପର ବେତନ ମୃତ୍ୟୁ ( ରୋମୀୟ ୬ : ୨୩ )। ଧାର୍ମିକ କେହି ନାହିଁ ନା, ଜଣେ ସୁଦ୍ଧା ନାହିଁ .... ସମସ୍ତେ ତ ପାପ କରି ଅଛନ୍ତି । ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି । ( ରୋମୀୟ ୩ : ୧୦, ୨୩ ) ଉପରୋକ୍ତ ବାକ୍ୟଗୁଡ଼ିକରୁ ଅଜ୍ଞାନତା ନୁହେଁ । କିନ୍ତୁ ପାପ ହିଁ ମନୁଷ୍ୟର ମରଣର କାରଣ ବୋଲି ଜାଣି ପାରୁ । ଯୀଶୁଖ୍ରୀଷ୍ଟ କହନ୍ତି । ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନକରି ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ । ଯେ ତାହାଙ୍କ ଠାରେ ବିଶ୍ୱାସ କରେ ସେ ବିଚାରିତ ହୁଏନାହିଁ, ସେ ବିଚାରିତ ହୋଇ ସାରିଲାଣି କାରଣ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ନାମରେ ବିଶ୍ୱାସ କରିନାହିଁ ( ଯୋହନ ୩ : ୧୭-୧୮ )। ପାପ ପୃଷ୍ଟି ଏବଂ ବିନାଶ ନିମନ୍ତେ ସିଦ୍ଧ ଜଗତର ଉଦ୍ଧାର ନିମନ୍ତେ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତକୁ ଅବତରଣ କରିଥିଲେ ।

ଅଜ୍ଞାତମାନେ ପରିତ୍ରାଣ ପାଇବାର ଅର୍ଥ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ବିନା ପାପମୋଚନ ହେବା । ଖ୍ରୀଷ୍ଟଙ୍କ ରକ୍ତରେ ସେମାନେ ଆପଣା ପାପ ଧୌତ ନକରି ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ଅସମ୍ଭବ କାରଣ ବାକ୍ୟ କହେ ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆ-ଯାଇନାହିଁ । ( ପ୍ରେରିତ ୪-୧୨ ) ଆପଣ ଯଦି ଖ୍ରୀଷ୍ଟଙ୍କ ଠାରେ ନାହାନ୍ତି । ଆପଣାଙ୍କ ଅଜ୍ଞାନତା ଯୋଗୁଁ ନୁହେଁ କିନ୍ତୁ ଆପଣା ପାପ ନିମନ୍ତେ ବିନଷ୍ଟ ହେବେ ।

ଖ୍ରୀଷ୍ଟଙ୍କ ସୁସମାଚାର ଅଜ୍ଞାତମାନେ ବିନଷ୍ଟ ହେବା ନ୍ୟାୟ ସଙ୍ଗତ ନୁହେଁ ବୋଲି ଅନେକ ମନେ କରନ୍ତି । କିନ୍ତୁ ଜୀବନର ଅନ୍ୟ କ୍ଷେତ୍ରରେ ଏହି ଅଜ୍ଞାତନତାର ପ୍ରତିଫଳରୁ କି, ଆମ୍ଭେମାନେ ମୁକ୍ତ ଅଛୁଁ ? ଧୂମ୍ରପାନ ସ୍ୱାସ୍ଥ୍ୟ ନିମନ୍ତେ ହାନିଜନକ ବୋଲି ଅନେକ ଅଜ୍ଞାତ ଥିଲେ ସୁଦ୍ଧା ଧୂମ୍ରପାନ ସେମାନଙ୍କୁ ଅସୁସ୍ଥ କରେ । ଆପଣଙ୍କ ପଡ଼ୋଶୀ ଜଣେ ଚୋର ବୋଲି ଆପଣ ନ ଜାଣି ଆପଣା ଗୃହର ଦ୍ୱାର

ଖୋଲା ଭିଆଗଲେ, ସେ କି ଆପଣଙ୍କ ଗୃହ ଲୁଟିବ ନାହିଁ ? ଇହଲୋକ ବିଷୟରେ ହେଉ ବା ପରଲୋକ ବିଷୟରେ ହେଉ, ଅଜ୍ଞନତା ଆମ୍ଭମାନଙ୍କ ଆଶ୍ରୟ ଦୁର୍ଗ ହୋଇନପାରେ ।

ଶେଷରେ, ଯଦି ଅଜ୍ଞାନତା ଫଳେ ମନୁଷ୍ୟ ପରିତ୍ରାଣ ପାଇ ପାରନ୍ତି, ତେବେ ପ୍ରେମମୟ ପିତା ପରମେଶ୍ୱର ଦୁଃଖ ଭୋଗ କରିବା ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ କି? ମନୁଷ୍ୟର ଅଜ୍ଞାନତା ସତ୍ତ୍ୱେ ଯଦି ସେ ରକ୍ଷା ପାଇପାରେ, ତେବେ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜନ୍ମ ନେଇ କ୍ରୁଶୀୟ ମୃତ୍ୟୁ ଭୋଗିବା ଅନାବଶ୍ୟକ । ଯୀଶୁ ଏହି ଜଗତରେ ଜନ୍ମ ନେଇ ମୃତ୍ୟୁ ଭୋଗିଲେ ଯେପରିକି ଆମ୍ଭେମାନେ ଅଜ୍ଞାତ ହୋଇ ବିନଷ୍ଟ ନହୋଇ ପରିତ୍ରାଣ ପ୍ରାପ୍ତ ହେଉଁ ।

—**David Thurman**

## ପାପ ବିଷୟକ କେତୋଟି ପ୍ରଶ୍ନ
## ( Questions about Sin )

କୌଣସି ବିଷୟରେ ସମ୍ପୂର୍ଣ୍ଣ ଭାବେ ବିଶ୍ଳେଷଣ କରିବା ସମୟରେ କେତୋଟି ମୌଳିକ ପ୍ରଶ୍ନ ଉଠିଥାଏ । ଯେପରି କି କିଏ, କେଉଁଠି, କାହିଁକି ଓ କେଉଁଠାରେ ? ପାପ ବିଷୟରେ ବାଇବଲରେ କଣ ଲେଖାଯାଏ ଜାଣିବାକୁ ଏହି ସୂତ୍ର ଆମ୍ଭେମାନେ ବ୍ୟବହାର କରୁ : (୧) କିଏ ପାପ କରେ, (୨) ପାପ କଅଣ ? (୩) କେବେ ଜଣେ ପାପୀ ରୂପେ ପରିଗଣିତ, (୪) ମନୁଷ୍ୟ କାହିଁକି ପାପ କରେ, (୫) ମନପରିବର୍ତ୍ତନ କରି ନ ଥିବା ପାପୀମାନଙ୍କ ଶେଷଦଶା କଅଣ ?

ପ୍ରଥମ ପ୍ରଶ୍ନ :— କିଏ ପାପ କରେ ? ଏହା ମନୁଷ୍ୟ ନିମନ୍ତେ ଏକ ଅତ୍ୟାବଶ୍ୟକ ପ୍ରଶ୍ନ । ଏଥିରେ ଉତ୍ତରରେ ବାଇବଲ ସ୍ପଷ୍ଟଭାବେ କହେ, "ସମସ୍ତେ ତ ପାପ କରିଅଛନ୍ତି ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇ ଅଛନ୍ତି ।" (ରୋମୀୟ ୩ : ୨୩) । ଏହି ବାକ୍ୟରେ ସମସ୍ତେ ପଦ ବ୍ୟବହୃତ ହୋଇ ଅଛି । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ପ୍ରତ୍ୟେକ ବ୍ୟକ୍ତି ପାପ କରନ୍ତି ବୋଲି ଜଣାନ୍ତି । "ଆମ୍ଭେମାନେ ପାପ କରି ନାହୁଁ, ଏହା ଯଦି କହୁ, ତାହାହେଲେ ଆମ୍ଭେମାନେ ତାହାଙ୍କୁ ମିଥ୍ୟାବାଦୀ କରୁ । ପୁଣି ତାହାଙ୍କ ବାକ୍ୟ

ଆମ୍ଭମାନଙ୍କଠାରେ ନାହିଁ ।" (୧ମ ଯୋହନ ୧ : ୧୦) । ଏହି ବାକ୍ୟ ସ୍ପଷ୍ଟରୁ ପାପର ଗୁରୁତ୍ୱ ଓ ପ୍ରତ୍ୟେକ ମନୁଷ୍ୟ କିପରି ଏହା ଦ୍ୱାରା ଆକ୍ରାନ୍ତ ହୁଅନ୍ତି ବୁଝିପାରୁ ।

ଯଦି ପ୍ରତ୍ୟେକ ମନୁଷ୍ୟ ପାପୀ । ତେବେ ପାପ କଅଣ, ପ୍ରଥମେ ବୁଝିବା । "ସମସ୍ତ ଅଧର୍ମ ହିଁ ପାପ" ବୋଲି ବାକ୍ୟ ପାପର ସଂଜ୍ଞା ନିରୂପଣ କରେ । (ଯୋହନ ୫ : ୭) । ଯଦି ଧାର୍ମିକତା ପରମେଶ୍ୱରଙ୍କ ଆଚରଣ, ଅଧାର୍ମିକତା ତାହାର ବିପରୀତ । ଅତଏବ ଯାହା ପରମେଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ସେହି ସବୁ ପାପ ଅଟେ । ଅଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ବ୍ୟବହୃତ ନ ହୋଇ, ଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ବ୍ୟବହୃତ ହେବା ନିମନ୍ତେ ପ୍ରେରିତ ପାଉଲ ରୋମୀୟ ଭାଇମାନଙ୍କୁ ଉତ୍ସାହିତ କରନ୍ତି । ( ରୋମୀୟ ୬ : ୧୩ ) । ସେହି ପୁସ୍ତକର ପ୍ରଥମ ଓ ୧୪ଶ ଅଧ୍ୟାୟଗୁଡ଼ିକରେ ପରମେଶ୍ୱରଙ୍କ ଠାରେ ଅଧାର୍ମିକତାର ଲେଶ ମାତ୍ର ନାହିଁ ବୋଲି ସେ ବ୍ୟକ୍ତ କରନ୍ତି ।

ଆମ୍ଭେମାନେ କେବେ ପାପ କରୁ ? ଏହା ଏକ ଜଟିଳ ପ୍ରଶ୍ନ । ଏହାର ଉତ୍ତରରେ ଯାକୁବ କହନ୍ତି ତାହାପରେ କାମନା ଗର୍ଭ ଧାରଣ କରି ପାପ ପ୍ରସବ କରେ ( ୧ : ୧୫ ) । ହୃଦୟରେ କାମନା ଅନୁଯାୟୀ କାର୍ଯ୍ୟ କଲେ ଆମ୍ଭେମାନେ ପାପ କରିଥାଉ । ଅନ୍ୟାୟ କାମନା ହିଁ ପାପ ନୁହେଁ, କିନ୍ତୁ କାମନାରୁ ଜାତ କର୍ମ ପାପ ରୂପେ ପରିଗଣିତ ହୁଏ । ତା' ସତ୍ତ୍ୱେ ମନୁଷ୍ୟର ହୃଦୟର କାମନା ପାପରୂପେ ପରିଗଣିତ ହୁଏ ବୋଲି ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଆମ୍ଭମାନଙ୍କୁ ସତର୍କ କରାଏ, ଯାହା କହିଛି ଯେ କେହି କୌଣସି ସ୍ତ୍ରୀଲୋକ ପ୍ରତି କାମଭାବରେ ଦୃଷ୍ଟି ପାତ କରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି । ( ମାଥିଉ ୫ : ୨୮ ) ଅତଏବ ମନୁଷ୍ୟର ହୃଦୟ କାମନାର କାର୍ଯ୍ୟକଳାପ ତଥା ଚିନ୍ତାଧାରା ମନୁଷ୍ୟଙ୍କୁ ପାପୀରୂପେ ପରିଗଣିତ କରେ ।

ଆମ୍ଭେମାନେ କାହିଁକି ପାପୀ ? ଅନ୍ୟମାନଙ୍କୁ ଅବାଧ୍ୟ ଯୋଗୁଁ ଆମ୍ଭେମାନେ ପାପ କରୁ ବୋଲି ଅନେକ ମନେ କରନ୍ତି । ଆପଣା ଲୋକଙ୍କ ନିକଟରେ [illegible] ତଥା ପରମେଶ୍ୱରଙ୍କୁ ଅନେକ ଦାୟୀ କରନ୍ତି । କେହି ପରୀକ୍ଷିତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡ଼ୁ ହେଉଅଛି ବୋଲି ମନେ ନ କରନ୍ତୁ, କାରଣ ଈଶ୍ୱର ମନ୍ଦରେ

ପରୀକ୍ଷିତ ହୋଇ ପାରନ୍ତି ନାହିଁ । ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ । ( ଯାକୁବ ୧ : ୧୩ ) । କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବର୍ତ୍ତିତ ହୋଇ ପରୀକ୍ଷିତ ହୁଅନ୍ତି, ( ୧୪ମ ପଦ ) । ମନୁଷ୍ୟ ମାତ୍ରେ ଯେ ଆମ୍ଭମାନେ, ଆମ୍ଭମାନଙ୍କ ହୃଦୟର କାମନା । ଆମ୍ଭମାନଙ୍କୁ ପାପ କରିବାକୁ ପ୍ରଲୋଭିତ କରେ ଏବଂ ଶୟତାନର କାମ ମଧ୍ୟ ଅଛି । ଆମ୍ଭମାନଙ୍କ ଜୀବନ ପଥରେ ରୂପ ଧରି ଅନ୍ଧକାରର ଶକ୍ତି ବର୍ତ୍ତେ, ତଥାପି ମନୁଷ୍ୟ ଆପଣା କୃତକର୍ମ ଦ୍ୱାରା ପାପୀ ପରିଗଣିତ ହୁଏ ।

ପାପୀ ଆପଣା ପାପରୁ ମନ ପରିବର୍ତ୍ତନ ନ କଲେ ତାହାର ଶେଷ ଦଶା କଅଣ ? ଏହି ପ୍ରଶ୍ନର ଉତ୍ତର ଆମ୍ଭମାନଙ୍କୁ ଜାଣିବା ଗୁରୁତ୍ୱ ଜଣାଏ । ରୋମୀୟ ୬ : ୨୩ରେ ପାଉଲ କହନ୍ତି । ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦତ୍ତ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ । ଯାକୁବ (୧ : ୧୫)ର ଲେଖା ଅଛି, ... ) ପାପ ସମ୍ପୂର୍ଣ୍ଣ ହେଲେ ମୃତ୍ୟୁକୁ ଜନ୍ମ ଦିଏ । ଏହି ମୃତ୍ୟୁ ହେଉଛି ଅନନ୍ତ ଦଣ୍ଡ ... ପରମେଶ୍ୱରଙ୍କଠାରୁ ଅନନ୍ତକାଳ ବିଚ୍ଛିନ୍ନ ହୁଏ । ଏହା ହିଁ ଅନନ୍ତ ଶାସ୍ତି । ପ୍ରକାଶିତ ୨୧ : ୭-୮ ପଦଗୁଡ଼ିକରେ ପ୍ରଭୁ ଯୀଶୁ କହନ୍ତି । 'ଯେ ଜୟ କରେ ସେ ଏହି ସମସ୍ତର ଅଧିକାରୀ ହେବ, ଆମ୍ଭେ ତାହାର ଈଶ୍ୱର ହେବୁ ପୁଣି ଆମ୍ଭର ପୁତ୍ର ହେବ । କିନ୍ତୁ ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣିତ କର୍ମକାରୀ, ନରଘାତକ, ବ୍ୟଭିଚାରୀ, ମାୟାବୀ ଓ ପ୍ରତିମାପୂଜକ ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ଜଳୁଥିବା ହ୍ରଦରେ ଅଂଶ ପାଇବେ । ଏହା ହିଁ ଦ୍ୱିତୀୟ ମୃତ୍ୟୁ । ଯୀଶୁ କହିଲେ ଅନନ୍ତ ଜୀବନ ଓ ଅଧାର୍ମିକମାନେ ଅନନ୍ତ ଦଣ୍ଡ ଭୋଗ କରିବେ । ( ପ୍ରକାଶିତ ୨୦ : ୧୫ ) 'ଯେ କେହି ଈଶ୍ୱରଙ୍କଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ ... ( ୧ମ ଯୋହନ ୩ : ୯ ) କିନ୍ତୁ ଯେ ପାପ କରେ ସେ ଶୟତାନରୁ ଜାତ ( ୮ମ ପଦ ) ... ( ୩ : ୮ ... ) ।

ଉପରୋକ୍ତ ବାକ୍ୟମାନଙ୍କରୁ କଏ ପାପୀ, ପାପ କଅଣ, କେଉଁ ମନୁଷ୍ୟ ପାପୀ ପରିଗଣିତ ହୁଏ ମନପରିବର୍ତ୍ତନ କରି ନଥିବା ପାପୀମାନଙ୍କ ଶେଷଦଶା ବିଷୟରେ ଶିକ୍ଷା କଲୁ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ବିନୁ ପାପମୋଚନ ନାହିଁ । ଆଜି ଆପଣ ତାହାଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେଲେ ଆପଣା ପାପରୁ ମୁକ୍ତ ହୋଇ ପାରିବେ । ପାପରୁ ମୁକ୍ତି ଓ ପରିତ୍ରାଣ କେବଳ ପ୍ରଭୁ ଯୀଶୁଙ୍କଠାରେ ଉପଲବ୍ଧ ।

—Ray Sullins

ସୋଲୋମନ ପ୍ରେସ, ବ୍ରହ୍ମପୁର

# RELIGIOUS SINNERS

**Matt. 7:21 - 23**

## INTRUDUCTION :

1. There are many religious people, but at the same time, they are sinners.
2. As a matter of fact, the majority of religious people are nothing more than sinners.
3. Hence, it is not enough to be religious but one must be acceptable with God.

## DISCUSSION :

### A. Some Bible Examples Of Religious Sinners.

1. The Pharisees and Sadducees. (Matt. 19, 22, 23).
2. The hypocrites. (Matt. 6:1 - 8, 23).
3. Vain worshippers. (Matt. 15:9).
4. Judas Iscariot. (Matt. 26).
5. The prodigal son. (Lk. 15).
6. The five foolish virgins. (Matt. 25).
7. Simon the sorcerer. (Acts 8)
8. The person of Saul. (Acts 9).
9. Cornelius and his household. (Acts 10).
10. The Corinthians. (1 Cor. 1).

### B. Some Religious Sinners Of Our Day.

1. The modernist. (Gal. 1:7-9).
2. The denominationalist. (Rom. 16:17, 18).
3. The moralist. (Matt. 16:24).
4. The erring Christian (James 5:16).
5. The hypocrite. (James 4:17).

### C. The Religion Of Christ And Faithfulness

1. One must practice the religion of Christ to be acceptable to God. (James 1:27).
2. Furthermore, one must be faithful to the Lord in order to be acceptable with him. (Rev.2:10; James 1:12).

**D. Your Standing.**

1. You must be religious.
2. You must practice the religion of Christ.
3. You must be faithful to the Lord.
4. Heaven will be your future home.

## CONCLUSION :

1. A person may be religious but that doesn't necessarily mean anything
   a. Many religious people are going to Hell.
   b. Not only so, but many of them are taking others with them.
2. Be careful lest you be deceived.
3. Do not listen to man but turn to the Bible for a "thus saith the Lord."
4. As long as you stay with the Bible then you will be on the Lord's side.

**- J.C. Choate.**

---

From

SATYA VANI
P.o. Box 80
KAKINADA - 533 001

Printed Book only

To

(FOR PRIVATE CIRCULATION ONLY)